ଭୁବନେଶ୍ୱର ସହର
ରବିବାର, ଫେବୃଆରୀ ୧୨, ୨୦୧୭
ସମ୍ବାଦ 97 YEARS OF EXCELLENCE 1919-2016
୯

# ଇନ୍ଧନ ସଂରକ୍ଷଣ ପାଇଁ ସାଇକଲ ଶୋଭାଯାତ୍ରା



ଭୁବନେଶ୍ୱର, ୧୧।୨ (ଭୁ.ପ୍ର): ଇନ୍ଧନ ସଂରକ୍ଷଣ ତଥା ଉତ୍ତମ ସ୍ୱାସ୍ଥ୍ୟ ଓ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ପେଟ୍ରୋଲିୟମ୍ କଞ୍ଜରଭେସନ୍ ରିସର୍ଚ୍ଚ ଆସୋସିଏସନ୍ (ପିସିଆରଏ) ଏବଂ ଗ୍ୟାସ୍ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ (ଜିପିଏସ୍ୟୁ) ପକ୍ଷରୁ ଆଇଆଇଟି, ଭୁବନେଶ୍ୱରର ଅରୁଗୁଳ କ୍ୟାମ୍ପସ୍‌ରୁ ଏକ ସାଇକଲ ରାଲିର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଫାଟକଠାରୁ ବାହାରି ଜଟଣୀ ବଜାର ଏବଂ ସେଠାରୁ ପୁନର୍ବାର ଅନୁଷ୍ଠାନ ପର୍ଯ୍ୟନ୍ତ ପ୍ରାୟ ୧୦ କି.ମି ପର୍ଯ୍ୟନ୍ତ ଯାଇଥିବା ଏହି ରାଲିରେ ଆଇଆଇଟିର ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀଙ୍କୁ ମିଶାଇ ଶତାଧିକ ଅଂଶଗ୍ରହଣ କରିଥିଲେ। ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଆର.ଭି ରାଜାକୁମାର ଏହି ରାଲିକୁ ଉଦ୍‌ଘାଟନ କରିବା ପୂର୍ବରୁ ତୈଳ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇ ଥିଲେ।